# NATIONAL NEWS BULLETIN (ODIA)

## 29 December - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ଲାଗି ବୈଷୟିକ ଜ୍ଞାନକୌଶଳ ପାରିଦର୍ଶିତା ସହ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣ ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ ।
- ଆରାବଳୀ ପର୍ବତମାଳାକୁ ନେଇ ନିଜର ପୂର୍ବ ନିର୍ଦ୍ଦେଶ ଉପରେ ଆଜି ରହିତା ଦେଶ ଜାରି କଲେ ସୁପ୍ରିମ୍‌କୋର୍ଟ୍ ।
- ମାନବ ଜୀବନକୁ ପ୍ରଭାବିତ କରୁଥିବା ଡିଜିଟାଲ୍ ବିଶ୍ୱରେ' ନୈତିକ ମୂଲ୍ୟବୋଧ ସହିତ ଏହାର ମୁକାବିଲା କରିବାକୁ ଉପରାଷ୍ଟ୍ରପତିଙ୍କ ପରାମର୍ଶ ।

ଏବଂ

- ଗତ ୧୧ ବର୍ଷ ମଧ୍ୟରେ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସଫଳ ହୋଇଛନ୍ତି ସରକାର, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

# ପ୍ରେଜ୍-ଜାମସେଦପୁର

ଦେଶ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍ଥାୟୀତ୍ୱ ଭଳି ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା ଲାଗି ବୈଷୟିକ ଜ୍ଞାନକୌଶଳ ପାରିଦର୍ଶିତା ସହିତ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣ ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଝାଡ଼ଖଣ୍ଡର ଜାମସେଦପୁର ସ୍ଥିତ ଏନ୍.ଆଇ.ଟି.ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସେ ଏହା କହିଛନ୍ତି । ମାନବ କଲ୍ୟାଣ ଲାଗି ବୈଶ୍ୱିକ ଜ୍ଞାନକୌଶଳର ବିକାଶକୁ ବ୍ୟବହାର କରିବା ନିମନ୍ତେ ରାଷ୍ଟ୍ରପତି ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏକ ସମାବେଶୀ ତଥା ସମୃଦ୍ଧ ଦେଶ ଗଠନ ଦିଗରେ ଶିକ୍ଷାର୍ଥୀମାନେ ନିଜର ଜ୍ଞାନ ଉପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

**V/O-1--PREZ---NIT--JAMSHEDPUR**

ଶିକ୍ଷାନୁଷ୍ଠାନ ଗୁଡ଼ିକୁ କେବଳ ର୍ୟାଙ୍କିଙ୍ଗ୍ ଏବଂ ନିଯୁକ୍ତି ପ୍ରଦାନ ଭିତ୍ତିରେ ଆକଳନ କରାଯିବା ଉଚିତ୍ ନୁହେଁ ବରଂ ସମାଜ ପ୍ରତି ସେମାନଙ୍କର ଅବଦାନକୁ ମଧ୍ୟ ଦୃଷ୍ଟିରେ ରଖାଯିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ।

ପୂର୍ବରୁ ରାଷ୍ଟ୍ରପତି ଆଜି ଝାଡ଼ଖଣ୍ଡର ଜାମସେଦପୁରସ୍ଥିତ କରାଣ୍ଡିହ ଅଞ୍ଚଳରେ ସାନ୍ତାଳୀ ଭାଷା ଅଲ୍‌ଚିକି  ଲିପିର ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇଛନ୍ତି । ରାଷ୍ଟ୍ରପତି ତାଙ୍କର ମାତୃଭାଷା ଶାନ୍ତାଳୀରେ ଉଦ୍‌ବୋଧନ ଦେଇ ଅଲ୍‌ଚିକି ବର୍ଣ୍ଣମାଳାରେ ସମ୍ବିଧାନକୁ ଶାନ୍ତାଳୀ ଭାଷାରେ ପ୍ରଣୟନ କରାଯାଇଥିବା ପ୍ରଚେଷ୍ଟାକୁ ପ୍ରଶଂସା

କରିଛନ୍ତି । ଭାଷାନ୍ତର ପ୍ରକ୍ରିୟା ଏବଂ କୃତ୍ରିମ ବୁଦ୍ଧିମତାର ବ୍ୟବହାରକୁ ଅଲ୍‌ଚିକି ବର୍ଣ୍ଣମାଳାରେ ବିକାଶ କରାଯାଇପାରିଲେ ଏହା ତାଙ୍କୁ ଅଧିକ ସନ୍ତୋଷ ଦେବ ବୋଲି ରାଷ୍ଟ୍ରପତି କହିଛନ୍ତି । ଖୁବ୍ ଶୀଘ୍ର ରାଷ୍ଟ୍ରପତିଙ୍କ ୱେବ୍‌ସାଇଟ୍ ଅଲ୍‌ଚିକି ବର୍ଣ୍ଣମାଳାରେ ପ୍ରସ୍ତୁତ ହେବ ବୋଲି ସେ ଆଶାବ୍ୟକ୍ତ କରିବା ସହିତ ଏହା ଶାନ୍ତାଳୀ ଭାଷାକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି । ଅଲଚିକି ବର୍ଣ୍ଣମାଳାର ପ୍ରଚାର ଓ ପ୍ରସାର ଲାଗି ପଣ୍ଡିତ ରଘୁନାଥ ମୁର୍ମୁଙ୍କର ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହିତ ତାଙ୍କର ଉଦ୍ୟମ ଯୋଗୁଁ ଶାନ୍ତାଳୀ ଭାଷାର ବିକାଶ ହୋଇପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି ଜାହେର୍ଥନରେ ଅଲ୍‌ଚିକି ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ସମାରୋହରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଧ ଉଦ୍‌ବୋଧନ ଦେଇଛନ୍ତି ।

## ଭୂପେନ୍ଦ୍ର-ଏସ୍‌ସି

ଆରାବଳୀ ପର୍ବତମାଳାକୁ ନେଇ ଗତମାସ ୨୦ ତାରିଖରେ ଦେଇଥିବା ନିଜର ନିର୍ଦ୍ଦେଶ ଉପରେ ସୁପ୍ରିମ୍‌କୋର୍ଟ ଆଜି ରହିତାଦେଶ ଜାରି କରିଛନ୍ତି । ପ୍ରଧାନବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ଏ.ଜି.ମାସିହଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ଏକ ନୂଆ ବିଶେଷଜ୍ଞ କମିଟି ଗଠନ କରି ଆରାବଳି ପର୍ବତର ପୁନର୍ବାର ସଂଜ୍ଞା ନିରୂପଣ ନିମନ୍ତେ

ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ପୂର୍ବରୁ ଆରାବଳି ପର୍ବତମାଳା ସଂପର୍କରେ କୋର୍ଟ ଯେଉଁ ସଂଜ୍ଞା ନିର୍ଦ୍ଧାରଣ କରିଥିଲେ, ତାହା ଉପରେ ଅଧିକ ସ୍ପଷ୍ଟୋକ୍ତି ନିମନ୍ତେ ଅଦାଲତ ନିର୍ଦ୍ଦିଷ୍ଟ ସୂଚନା ଆବଶ୍ୟକ କରୁଛନ୍ତି।

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସର୍ବୋଚ୍ଚ ଅଦାଲତଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯାଦବ କହିଛନ୍ତି, ଆରାବଲୀ ପର୍ବତମାଳାର ସୁରକ୍ଷା ଏବଂ ସଂରକ୍ଷଣ ଦିଗରେ ସମସ୍ତ ସହାୟତା ଯୋଗାଇଦେବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ । ବର୍ତ୍ତମାନ ସେଠାରେ ଜାରି ରହିଥିବା ଖଣି ଖନନ କାର୍ଯ୍ୟ ଏବଂ ନୂତନ ଖଣି ଲିଜ୍ ପ୍ରଦାନ ତଥା ଏହାର ନବୀକରଣ ପ୍ରକ୍ରିୟା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ବଳବତ୍ତର ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ।

## ଭିପି-ପୁଡୁଚେରୀ ଭିଜିଟ୍

ମାନବ ଜୀବନକୁ ପ୍ରତ୍ୟେକ ଦିଗରୁ କୃତ୍ରିମ ବୁଦ୍ଧିମତା, ସ୍ୱୟଂଶାସନ, ଜୈବ ଜ୍ଞାନକୌଶଳ ଏବଂ ଡିଜିଟାଲ୍ ସଂଯୋଗୀକରଣ ପ୍ରଭାବିତ କରୁଥିବା ବିଶ୍ୱରେ ଶିକ୍ଷିତ ବ୍ୟକ୍ତିମାନେ ଉଭୟ ଉତ୍ସାହ ଏବଂ ନୈତିକ ମୂଲ୍ୟବୋଧ ସହିତ ଏହାର ମୁକାବିଲା କରିବା ଲାଗି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆହ୍ୱାନ ଦେଇଛନ୍ତି । ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର କୂଳାଧିପତି ତଥା ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ୍ ଆଜି ଏହାର ୩୦ତମ ସମାବର୍ତ୍ତନ

ସମାରୋହରେ ଅଧ୍ୟକ୍ଷତା କରିବା ସହ ଉଦ୍‌ବୋଧନ ଦେଇ ଏହି ମତବ୍ୟକ୍ତ କରିଛନ୍ତି ।

ସେ କହିଛନ୍ତି, ଡିଜିଟାଲ୍ ମାଧ୍ୟମରେ ଉତ୍ପାଦନ ଏବଂ ସଂଯୋଗୀକରଣ ବୃଦ୍ଧି କରାଯାଇପାରୁଥିବା ପରିବେଶରେ ଯୁବବର୍ଗ ନିଜର ଗଭୀର ଭାବନାର କ୍ଷମତା ଏବଂ ସମାଜର ବିକାଶ ଦିଗରେ ଫଳପ୍ରଦ ଯୋଗଦାନରୁ ଯେଭଳି ଦୂରେଇ ନ ଯାଆନ୍ତି ସେଥିପ୍ରତି ସତର୍କ ଅବଲମ୍ବନ କରିବା ଉଚିତ୍ ।

ଏହି ଅବସରରେ ଜାତୀୟ ଶିକ୍ଷାନୀତି ୨୦୨୦ର ଆତ୍ମାସତ୍ତ୍ୱର ଭାବେ କାର୍ଯ୍ୟ କରିବା ସହିତ ଅନୁସନ୍ଧାନ, ନବସୃଜନତା ଏବଂ ସମାବେଶୀ ଉତ୍କର୍ଷତାର ଅଗ୍ରଗତି ଦିଗରେ ସାମିଲ ହେବା ଲାଗି ଶ୍ରୀ ରାଧାକ୍ରିଷ୍ଣନ୍ ଶିକ୍ଷାର୍ଥୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଯୁବବର୍ଗଙ୍କୁ ବିକଶିତ ଭାରତର ସ୍ଥାପତ୍ୟ ଭାବେ ଅଭିହିତ କରିବା ସହ ସମାଜର ସବୁ ବର୍ଗର ଲୋକଙ୍କୁ ଏ ଦିଗରେ ସାମିଲ କରାଯାଇପାରିଲେ ବିକାଶର ପ୍ରକୃତ ମହତ୍ୱ ହାସଲ କରିହେବ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## ଅମିତଶାହା-ଆସାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ଆସାମ ସମେତ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଅଭୂତପୂର୍ବ ବିକାଶ ହୋଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମତବ୍ୟକ୍ତ କରିଛନ୍ତି । ଆଜି ଆସାମର ବାଟାଡ୍ରାୱା ଥାନ୍ ଠାରେ ମହାପୁରୁଷ ଶ୍ରୀମନ୍ତ ଶଙ୍କର ଦେବ

ଆବିର୍ଭାବ କ୍ଷେତ୍ରର ପୁନରୁଦ୍ଧାର ପ୍ରକଳ୍ପର ଉଦ୍‌ଘାଟନ କରିବା ଅବସରରେ ନାଗାଓଁ ଜିଲ୍ଲାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଆସାମ ଏବଂ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା କରିବା ସହ ବିକାଶ ପ୍ରକ୍ରିୟାକୁ କେନ୍ଦ୍ର ସରକାର ତ୍ୱରାନ୍ୱିତ କରିବାରେ ସଫଳ ହୋଇଛନ୍ତି ।

**V/O-2-AMIT-SHAH-ASSAM-DEVELOPMENT**

ଏହି ଅବସରରେ ଶ୍ରୀ ଶାହା ଅନେକ ଗୁଡ଼ିଏ କଲ୍ୟାଣ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଆସାମରୁ ପଶ୍ଚିମବଙ୍ଗ ଯାତ୍ରା କରିବା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ସହିଦ ସ୍ମାରକ କ୍ଷେତ୍ରରେ ଆସାମ ଅଭିଯାନର ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

## ଇୟର ଏଣ୍ଡର ଡିଫେନ୍ସ

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗୀତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଚଳିତବର୍ଷ  ଘଟିଥିବା ବିକାଶ ସମ୍ପର୍କରେ ।

ଦେଶର ଜାତୀୟ ସୁରକ୍ଷା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଚଳିତବର୍ଷ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ

କରିଛି । ଆତଙ୍କବାଦର ମୂଳୋତ୍ପାଟନ ଲାଗି କେନ୍ଦ୍ର ସରକାର ଚଳିତବର୍ଷ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ନେଇଛନ୍ତି ।

ଅପରେସନ ସିନ୍ଦୂର ଅଭିଯାନ ଜରିଆରେ ଭାରତ ତା'ର ପ୍ରତିରକ୍ଷା ଦୃଢ଼ତା ପ୍ରମାଣିତ କରିଥିଲା । ଏଥିରେ ଭାରତୀୟ ସୁରକ୍ଷା ବଳ ପାକିସ୍ତାନ ସୀମାରେଖା ଭିତରେ ପ୍ରବେଶ କରି ଆତଙ୍କବାଦୀଙ୍କ ଶହେଟି ଆଡ୍ଡାସ୍ଥଳ ଏବଂ ପାକିସ୍ତାନର ପ୍ରାୟ ୧୦ଟି ବାୟୁସେନା ଘାଟିକୁ ନଷ୍ଟ କରାଯିବା ସହିତ ଶତ୍ରୁପକ୍ଷ ଦ୍ୱାରା ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରକୁ ଅକାମୀ କରିଦେଇଥିଲା । ସ୍ୱଦେଶୀ ନିର୍ମିତ ଅସ୍ତ୍ରଶସ୍ତ୍ରର ସଫଳତାକୁ ନେଇ ସାରା ବିଶ୍ୱ ଚକିତ ହୋଇଯାଇଥିଲା । ବ୍ରହ୍ମୋସ ସୁପର୍‌ସୋନିକ୍ କ୍ଷେପଣାସ୍ତ୍ର, ରାଫେଲ ଯୁଦ୍ଧ ବିମାନ ଏବଂ ଭାରତ ନିର୍ମିତ ଡ୍ରୋନ୍ ଗୁଡ଼ିକ ସୂକ୍ଷ୍ମ ସମନ୍ୱୟରେ ସଫଳତାର ସହ କାର୍ଯ୍ୟ କରିଥିଲେ ।

ଦେଶର ପ୍ରତିରକ୍ଷା ଉତ୍ପାଦନ ୧ଲକ୍ଷ ୫୪ ହଜାର କୋଟି ଟଙ୍କା ଅତିକ୍ରମ କରିଥିବା ବେଳେ ୨୦୨୫-୨୬ ବଜେଟ୍‌ରେ ପ୍ରତିରକ୍ଷା ନିମନ୍ତେ ୬ଲକ୍ଷ ୮୧ ହଜାର କୋଟିରୁ ଅଧିକ ଟଙ୍କା ଆବଣ୍ଟନ କରାଯାଇଛି ।

ଇତିମଧ୍ୟରେ ଉତ୍ତରପ୍ରଦେଶ ଓ ତାମିଲନାଡୁରେ ପ୍ରତିରକ୍ଷା ଶିଳ୍ପ କରିଡର ସ୍ଥାପନ କରାଯାଇ ୯ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ଆମନ୍ତ୍ରଣ କରାଯାଇଛି । ଦେଶକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି

ବିଶ୍ୱରେ ଭାରତର ପ୍ରତିରକ୍ଷାକୁ ଶିଖରକୁ ନେବା ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ୍ ଗ୍ରାମୀଣ ଆଇନ୍ ୨୦୨୫** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏଥିରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରୋହିଣୀ ରାମଦାସ ଭାଜି-ଭାକାରେ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ବିକଶିତ ଭାରତ-ଜିରାମଜି ଆକ୍ଟ

ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ୍ ଗ୍ରାମୀଣ ଆଇନ୍ ୨୦୨୫ କେତେକ ରାଜ୍ୟକୁ ଗତ ୭ ବର୍ଷରେ ଆବଣ୍ଟିତ ଅର୍ଥ ତୁଳନାରେ ଏବେ ୧୭ ହଜାର କୋଟି ଟଙ୍କାର ଆବଣ୍ଟନରେ ଲାଭାନ୍ୱିତ କରିବ ।

୨୦ ବର୍ଷ ତଳର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଗ୍ୟାରେଣ୍ଟି ନିୟମ ପରିବର୍ତ୍ତେ ଏହି ନୂଆ ଆଇନ କାର୍ଯ୍ୟକାରୀ ହେବ । ଏହି ଯୋଜନାରେ ଶହେଦିନ ପରିବର୍ତ୍ତେ ଗ୍ରାମୀଣ ପରିବାରଗୁଡ଼ିକୁ ୧୨୫ ଦିନର କର୍ମନିଯୁକ୍ତି ମିଳିପାରିବ । ମନରେଗା ତୁଳନାରେ ବିକଶିତ ଭାରତ ଜି.ରାମ.ଜି. ଯୋଜନାର ଢାଞ୍ଚାରେ ପରିବର୍ତ୍ତନମୂଳକ ସ୍ୱଚ୍ଛତାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ପ୍ରକଳ୍ପ ଚିହ୍ନଟ କରିବା, ଆୟ ସୃଷ୍ଟି କରିବା ଏବଂ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଭଳି ପ୍ରକ୍ରିୟା ଏହି ଆଇନରେ ରହିଛି । ଏ ସମ୍ପର୍କରେ ନିଜର ପ୍ରତୀକ୍ରିୟାରେ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି;

**V/O-1-SHIVRAJ-SINGH-G-RAM-G**